# ସମ୍ଭାବନାର ଅସରନ୍ତି ଉତ୍ସ ସତ୍ତ୍ୱେ ସାତକୋଶିଆ ଅବହେଳିତ

ଅନୁଗୋଳ,୧୨।୪(ସମିସ):

ଏକ ସଦ୍ୟତମ ରିପୋର୍ଟ ଅନୁଯାୟୀ ଓଡ଼ିଶାର ଡେବ୍ରିଗଡ଼ ଅଭୟାରଣ୍ୟରୁ ଆର୍ଥିକ ବର୍ଷ ୨୦୨୫-୨୬ରେ ପର୍ଯ୍ୟଟନ ଶିଳ୍ପରୁ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଏହାର ବିସ୍ତୃତ ବିବରଣୀ ସେଠିକାର ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ଦେଇଛନ୍ତି। ଏହାର ଶ୍ରେୟ ମଧ୍ୟ ସେଠିକାର (ସମ୍ବଲପୁର) ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରତିନିଧି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଆଯାଉଛି। ଡେବ୍ରିଗଡ଼ର ଉନ୍ନତି ସ୍ୱାଗତଯୋଗ୍ୟ ଏବଂ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏହା ଗର୍ବର ବିଷୟ। ଉଲ୍ଲେଖଯୋଗ୍ୟ, ୨୦୨୫ ମେ ୩୧ ତାରିଖ ଓଡ଼ିଶାର ଅଗ୍ରଣୀ ଦୈନିକ ଖବରକାଗଜ 'ସକାଳ'ରେ 'ଓଡ଼ିଶା ଇକୋଟୁରିଜିମ୍; ସାତକୋଶିଆ ବନାମ ଡେବ୍ରିଗଡ଼' ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଆଜିର ଏହି ଉପସ୍ଥାପନା ତାହାର ଦ୍ୱିତୀୟ ଭାଗ ବୋଲି ଧରି ନିଆଯାଇପାରେ।

ଆମ ଦେଶରେ ସବୁ ଅଭୟାରଣ୍ୟ ପର୍ଯ୍ୟଟନ ଶିଳ୍ପର ବିକାଶଧାରାରେ ସାମିଲ ହୋଇଛନ୍ତି। ଜୀମ୍ କର୍ବେଟ ଅଭୟାରଣ୍ୟଠାରୁ ଆରମ୍ଭ କରି, କାହ୍ନା, ବାନ୍ଧବଗଡ଼, ରନଥମ୍ବର, ଗିର, କାଜିରଙ୍ଗା, ବନ୍ଦିପୁର, ପେରୀୟାର ଇତ୍ୟାଦି ଅନେକ ଜାତୀୟ ଉଦ୍ୟାନ ତଥା ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ସହ ପର୍ଯ୍ୟଟନ ମଧ୍ୟ ସମ୍ଭବ ହୋଇପାରିଛି। ଓଡ଼ିଶାରେ ମଧ୍ୟ ଦେବ୍ରିଗଡ଼ ଓ ଶିମିଳିପାଳ ଅଭୟାରଣ୍ୟରେ ପର୍ଯ୍ୟଟନ ଶିଳ୍ପର ଉନ୍ନତି ହୋଇ ବିଭାଗ ତଥା ସ୍ଥାନୀୟ ବାସିନ୍ଦାଙ୍କର ବେଶ୍ ଭଲ ରୋଜଗାର ହୋଇପାରିଛି। କିନ୍ତୁ ଓଡ଼ିଶାର କେନ୍ଦ୍ରସ୍ଥଳରେ ଥିବା ସାତକୋଶିଆ ଅଭୟାରଣ୍ୟକୁ ସତେ ଯେପରି କାହାର ନଜର ଲାଗିଯାଇଛି। କିଛି ବର୍ଷ ହେଲାଣି ବିବାଦ ଏହି ଅଭୟାରଣ୍ୟର ପିଛା ଛାଡୁନି। ଭୌଗଳିକ ଦୃଷ୍ଟିକୋଣରୁ ୫ ଜିଲ୍ଲାର ସୀମାରେଖା ସଂଲଗ୍ନ, ଓଡ଼ିଶାର ବୃହତ୍ତମ ନଦୀ ମହାନଦୀର ଅବବାହିକାରେ ଅବସ୍ଥିତ, ରାମସାରର ମାନ୍ୟତା ପାଇଥିବା, ଜାତୀୟ ବ୍ୟାଘ୍ର ପ୍ରକଳ୍ପ, ଜାତୀୟ ହସ୍ତୀ ପ୍ରକଳ୍ପ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଅନେକ ମାନ୍ୟତାପ୍ରାପ୍ତ ଏହି ଅଭୟାରଣ୍ୟର ଏ ଦୁର୍ଦ୍ଦଶା କାହିଁକି ବୋଲି ପ୍ରଶ୍ନ ଉଠିଛି। ସ୍ଥାନୀୟ ବନବିଭାଗ, ଜିଲ୍ଲା ପ୍ରଶାସନ, ରାଜନୈତିକ ନେତୃବୃନ୍ଦ ନା ସ୍ଥାନୀୟ ଜନସାଧାରଣ, କିଏ ସାଜିଛି ବାଧକ ସାତକୋଶିଆର ବିକାଶରେ?




ସାତକୋଶିଆ ଅଭୟାରଣ୍ୟର ପ୍ରାୟ ୭୦ଭାଗ ଅଞ୍ଚଳ ଅନୁଗୋଳ ଜିଲ୍ଲାରେ ରହିଛି। ସାତକୋଶିଆର କେନ୍ଦ୍ରବିନ୍ଦୁ କହିଲେ ଟିକରପଡ଼ାକୁ ବୁଝାଏ। କାହିଁ କେତେ ଶହ ବର୍ଷ ପୂର୍ବରୁ ବ୍ରିଟିଶ ତଥା ରାଜାରାଜୁଡ଼ା ଅମଳରୁ ଟିକରପଡ଼ା ଅଞ୍ଚଳ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧ। ଏହା କିନ୍ତୁ ଆଜି ଅବହେଳିତ। ସତେଯେପରି କଳାବାଦଲ ଘେରି ରହି ଅନ୍ଧକାରମୟ କରିଦେଇଛି ଟିକରପଡ଼ା ତଥା ସାତକୋଶିଆ ଅଭୟାରଣ୍ୟ ଓ ଏହା ସଂଲଗ୍ନ ଅଞ୍ଚଳକୁ।

ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ, ତଥା ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ। ଗତ କିଛି ମାସ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭୟାରଣ୍ୟ ଅନ୍ତର୍ଗତ ଟିକରପଡ଼ା ଅଞ୍ଚଳ ଗସ୍ତ କରିଥିଲେ। ସେ ଦିନ ଚଳଚଞ୍ଚଳ ହୋଇଉଠିଥିଲା ଅଭୟାରଣ୍ୟ ଅଞ୍ଚଳ। ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ପୁଲିସ, ପୂର୍ତ୍ତ, ବନ ବିଭାଗ, ନେତା, କର୍ମୀ, ସାତକୋଶିଆବାସୀ ସମସ୍ତଙ୍କ ଠାରେ ତତ୍ପରତା ପରିପ୍ରକାଶ ପାଇଥିଲା କିଛି ଘଣ୍ଟା ପାଇଁ। ହେଲେ ତା'ପରେ ଯାହାକୁ ତାହା। ଅଭୟାରଣ୍ୟର ବନ ବିଭାଗ ସର୍ବଦା ଦୁର୍ନୀତିର ବଳୟ ମଧ୍ୟରେ ରହୁଥିବା ସ୍ଥାନୀୟ ବାସିନ୍ଦା ଅନେକ ସମୟରେ ଅଭିଯୋଗ କରନ୍ତି। ଏଠାକୁ ବନ ବିଭାଗ ଅଧିକାରୀ ଆସିଲେ ବଦଳି ହୋଇ ଯିବାର ନାଁ ଧରନ୍ତି ନାହିଁ। କିଛି କର୍ମଚାରୀ ବଦଳି ନ ହୋଇ ଗୋଟିଏ ଜାଗାରେ ଆସ୍ଥାନ ଜମାଇ ବସନ୍ତି। ପର୍ଯ୍ୟଟକଙ୍କ ପାଇଁ ସଫାରୀ ଗାଡ଼ି ନାଁରେ ମାତ୍ର ୪ଟି ୧୪ ସିଟ୍ ବିଶିଷ୍ଟ ଭଙ୍ଗା ପୁରୁଣା ଗାଡ଼ି ରହିଛି। ଯାହାକୁ ୪୦୦୦/- ଟଙ୍କା ଦେଇ (୨/୪ ଜଣ ପର୍ଯ୍ୟଟକ ଆସିଲେ ବି, ସେତିକି ଟଙ୍କା ଦେବାକୁ ବାଧ୍ୟ) ନେବାକୁ ପଡ଼ିଥାଏ। ସମସ୍ତେ ଯାଇଥାନ୍ତି ଅସନବହାଲି ନାମକ ଏକ ସ୍ଥାନକୁ, ଯାହା କି କିଛିମାସ ପୂର୍ବରୁ ଏକ ଗ୍ରାମ ଥିଲା। ସାତକୋଶିଆ ଅଭୟାରଣ୍ୟ ଭିତରେ ବହୁତ ଭଲ ଦର୍ଶନୀୟ ସ୍ଥାନ ଯଥା ଟୁଲୁକା ନିକଟ ଭିମଧରା ଜଳପ୍ରପାତ, କଟରଙ୍ଗ, ରାଇଗୁଡ଼ା ଇତ୍ୟାଦି ରହିଥିଲେ ମଧ୍ୟ ତା' ଭିତରକୁ କାହାରିକୁ ପ୍ରବେଶ କରିବାକୁ ଦିଆଯାଏ ନାହିଁ। ତେବେ ଏହି କଟକଣା କେବଳ ସ୍ଥାନୀୟ ବାସିନ୍ଦା ଓ ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ। ନଚେତ୍ ସରକାରୀ ହେଉ କି ବେସରକାରୀ, ବଡ଼ବାବୁମାନେ ଆସିଲେ ଖୋଦ୍ ବନ ବିଭାଗର ହାକିମମାନେ ନିଷିଦ୍ଧାଞ୍ଚଳକୁ ବୁଲିଯିବା ପାଇଁ ସବୁ ପ୍ରକାରର ଅନୁମତି ସହିତ ବ୍ୟବସ୍ଥା ମଧ୍ୟ କରିଥାନ୍ତି।

ଟିକରପଡ଼ାଠାରେ ମହାନଦୀ କୂଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ଇକୋ ଟୁରିଜିମ୍‌ର କଟେଜଗୁଡ଼ିକୁ ଚଳିତ ବର୍ଷ ବନ ବିଭାଗ ତରଫରୁ ବନ୍ଦ କରିଦିଆଯାଇଥିବାରୁ ଅନେକ ପର୍ଯ୍ୟଟକ ଆସି ଫେରିଯାଇଛନ୍ତି ଅବା ସାତକୋଶିଆରୁ ମୁହଁ ଫେରାଇ ନେଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ସାତକୋଶିଆ ଅଭୟାରଣ୍ୟର ବନବିଭାଗ ଯେ ପର୍ଯ୍ୟଟନ ଶିଳ୍ପର ବିରୋଧୀ କହିଲେ ଭୁଲ ହେବ ନାହିଁ। ବନ ବିଭାଗ ଯେ କେବଳ ବାଘ ଅଣି ଛାଡ଼ିବା ଲକ୍ଷ୍ୟରେ ଜୋରଜବରଦସ୍ତ ବିସ୍ଥାପନ କରି ନିରୀହ ଗରିବ ଆଦିବାସୀମାନଙ୍କୁ ସାତକୋଶିଆ ଅଞ୍ଚଳରୁ ତଡ଼ିପାର କରୁଛି ଓ ସେଥିରୁ ମୋଟା ଅଙ୍କର ଅର୍ଥ ରାଶି ହେରଫେର ହେଉଛି, ତାହା ସବୁବେଳେ ସାଧାରଣରେ ଚର୍ଚ୍ଚା ଲାଗିରହିଛି। ଏହା ଉପରେ ଉଚ୍ଚ ନ୍ୟାୟାଳୟ ଓ ମାନବାଧିକାର କମିଶନଙ୍କ ନିକଟରେ ମାମଲା ଚାଲୁ ରହିଛି। ବାରମ୍ବାର ବନ ବିଭାଗକୁ ତାଗିଦ୍ କରିବା ସତ୍ତ୍ୱେ ବାବୁମାନେ ଏହାକୁ ଖାତିର କଲା ଭଳି ମନେ ହେଉନାହିଁ। ଏହାର ସଦ୍ୟତମ ଉଦାହରଣ ଟିକରପଡ଼ା ଛକଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଆଡ଼କୁ ଯାଉଥିବା ରାସ୍ତା (ଯାହା କି ରାଜସ୍ୱ ବିଭାଗ ଅଧୀନରେ ଥିବା ଗ୍ରାମ୍ୟ ରାସ୍ତା)ର ଉନ୍ନତି ମୂଳକ କାର୍ଯ୍ୟକୁ ବନ ବିଭାଗ ଦ୍ୱାରା ଜୋରଜବରଦସ୍ତ ବନ୍ଦ କରାଯିବା, ମହାନଦୀ କୂଳର ଅନେକ ଜମି ରାଜସ୍ୱ ବିଭାଗର ହୋଇଥିଲେ ମଧ୍ୟ ବନ ବିଭାଗ ଦ୍ୱାରା ଜୋରଜବରଦସ୍ତ ଅକ୍ତିଆର କରିବା, ଟିକରପଡ଼ା ବନ ବିଭାଗ ବଙ୍ଗଳାରେ ଥିବା (ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ, ଯାହାକି ଲୋକଙ୍କ କରରୁ ଆଦାୟ ହେଉଛି) ବିଭିନ୍ନ ଦୋଳିର ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ନଷ୍ଟ ହେବା, ମହାନଦୀର ନୀଳ ଜଳରାଶିରେ ନୌକା ବିହାର ପାଇଁ କିଣା ଯାଇଥିବା ଯଥେଷ୍ଟ ଅଧିକ ବୋଟରେ ଚାଳକ ନ ଥିବା ହେତୁ ମାତ୍ର ଦୁଇ, ତିନିଟି ବୋଟ ଚାଲିବା ଓ ଏଥିପାଇଁ ଭିଡ଼ ସମୟରେ ପର୍ଯ୍ୟଟକମାନଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବା, ଭଲ ଶୌଚାଳୟ ନ ଥିବାରୁ ପର୍ଯ୍ୟଟକମାନେ ହଇରାଣ ହେଉଥିବା, ପର୍ଯ୍ୟଟକମାନେ ଉପଯୁକ୍ତ ଅର୍ଥ ପୈଠ କରି ରସିଦ ନ ପାଇ କିଛି ଅର୍ଥ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପକେଟକୁ ଯିବା ଇତ୍ୟାଦି। ଏପରିକି ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ବନ ବିଭାଗ ତରଫରୁ ଜଙ୍ଗଲ ଭିତରେ ପୋଖରୀମାନ ଖୋଳିବାକୁ ଯୋଜନା ରହିଛି, ଯାହାର ବ୍ୟୟ ଅଟକଳ ମୂଲ୍ୟ ବିଭାଗୀୟ ହିସାବରେ ୧୨/୮ ଲକ୍ଷ ହେବ, ତାକୁ ବନ ବିଭାଗର ବାବୁମାନେ ଠିକାଦାରଙ୍କୁ ଏକ ଚତୁର୍ଥାଂଶରେ କରି ବାକି ଅର୍ଥରାଶିକୁ ନିଜ ପକେଟକୁ ନେବାକୁ ଯୋଜନା କରୁଛନ୍ତି ବୋଲି ଅଭିଯୋଗ ହେଉଛି। ବନ ବିଭାଗ ସ୍ଥାନୀୟ ଲୋକଙ୍କ ବିକାଶ ମୂଳକ କାର୍ଯ୍ୟକୁ ଅଣଦେଖା କରିବା, ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି ନ କରିବା, ସଚେତନତା ନିମନ୍ତେ କୌଣସି ପ୍ରକାରର ଗ୍ରାମସଭା ନ କରିବା ଇତ୍ୟାଦି ଅନେକ ପ୍ରସଙ୍ଗ ସାତକୋଶିଆ ଅଭୟାରଣ୍ୟ ଅବହେଳିତ ତଥା ବିକଶିତ ହେବାରୁ ବଞ୍ଚିତ ହେବାପାଇଁ ଯଥେଷ୍ଟ ବୋଲି ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ବିଭାଗର ବଡ଼ ଅଧିକାରୀ ଓ କର୍ମଚାରୀମାନେ ଆଉ କେତେ ଭିଜିଲାନ୍ସ ବିଭାଗ ହାତରେ ଧାରାପଡ଼ିଲେ, କେତେଥର ନିଲମ୍ବନ ହେଲେ ଯାଇ ସଜାଗ ହେବେ ତାହା ଦେଖିବାକୁ ବାକି ରହିଲା।

# ବିଶ୍ୱ ଯୁବ କେନ୍ଦ୍ରରେ ବାର୍ଷିକ ସମନ୍ୱୟ କାର୍ଯ୍ୟକ୍ରମ



କିଶୋରନଗର,୧୨।୪(ସମିସ): ବିଶ୍ୱ ଯୁବ କେନ୍ଦ୍ର କାର୍ଯ୍ୟାଳୟରେ ଏପ୍ରିଲ ୧୧ ଓ ୧୨ ଦୁଇଦିନ ଧରି ବାର୍ଷିକ ସମନ୍ୱୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍ଥାର ପ୍ରାୟ ଚାରି ଦଶକ ଧରି ଚାଲିଆସୁଥିବା ସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ତୃଣମୂଳ ସ୍ତରରେ ସଂଗଠିତ ପ୍ରୟାସ, ସମୁଦାୟ ଆଧାରିତ ଅଂଶଗ୍ରହଣ ଓ ପ୍ରତିଷ୍ଠାନଗତ ଦୃଢ଼ତାର ଆବଶ୍ୟକତା ଉଲ୍ଲେଖ କରିଥିଲେ।

ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ସମାଜସେବାରେ ନୀତିଗତ ଆଚରଣ, ଦାୟିତ୍ୱବୋଧ ଓ ପ୍ରତିବଦ୍ଧତାର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ସ୍ଥାୟୀ ଉନ୍ନୟନ ପାଇଁ ପ୍ରତ୍ୟେକ ସମାଜସେବୀ ସଂଗଠନକୁ ପାରଦର୍ଶିତା ଓ ନୀତିନିଷ୍ଠାକୁ ମୂଳ ଆଧାର କରି କାମ କରିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ଚାଲିଥିବା ସମସ୍ତ ପ୍ରକଳ୍ପର ସଂଯୋଜକ/ସଂଯୋଜିକା ୨୦୨୫-୨୬ ଆର୍ଥିକ ବର୍ଷରେ କରିଥିବା କାର୍ଯ୍ୟ ଉପରେ ସଂକ୍ଷେପରେ ଉଲ୍ଲେଖ କରିଥିଲେ। ଏହି ଉପସ୍ଥାପନରେ ବରିଷ୍ଠ ସମାଜସେବୀ ବୀରେନ ନାୟକ, ବୋର୍ଡ ସଦସ୍ୟା ଡ. ବନ୍ଦିତା ପ୍ରଧାନ, ଗୋବିନ୍ଦ ଶଙ୍ଖାରୀ ସହଯୋଗ କରିଥିଲେ। ଦ୍ୱିତୀୟ ଦିନରେ ଉତ୍ତରପ୍ରଦେଶ ବନବାସୀ ସେବାଶ୍ରମର ସଚିବ ଶୋଭା ପ୍ରେମ ଯୋଗଦେଇ ଗାନ୍ଧୀଙ୍କ ନୀତିଆଦର୍ଶ ଆଧାରିତ ସମଗ୍ର ଉନ୍ନୟନ ମଡେଲ୍ ଉପରେ ତାଙ୍କ ଅନୁଭବ ପ୍ରକାଶ କରିଥିଲେ। ସ୍ୱାବଲମ୍ବନ, ସ୍ଥାନୀୟ ସମ୍ପଦର ସଦୁପଯୋଗ ଓ ସମୁଦାୟ କୈନ୍ଦ୍ରିକ ଆଭିଗମକୁ ଦୀର୍ଘସ୍ଥାୟୀ ଉନ୍ନୟନର ମୂଳ ଆଧାର ଭାବେ ଉଲ୍ଲେଖ କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର ସଦସ୍ୟ ସମ୍ପାଦକ ସଂସ୍ଥାର ସମସ୍ତ ନୀତି, କାର୍ଯ୍ୟ ପ୍ରଣାଳୀ ଓ ସାଙ୍ଗଠନିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଶେଷରେ ସଭାପତି ବସନ୍ତ କୁମାର ପ୍ରଧାନ, ଉପସଭାପତି ନମିତା ପ୍ରଧାନ, ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ଓ ବୋର୍ଡ ସଦସ୍ୟା/ସଦସ୍ୟମାନେ ବକ୍ତବ୍ୟ ରଖିଥିଲେ।

# ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ

କିଶୋରନଗର,୧୨।୪(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ପଞ୍ଚାୟତ ପାଣ୍ଡୁରୀପଥର ଗ୍ରାମରେ ନିର୍ମିତ ନୂତନ ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶନିବାର ୧୫୪ ମହିଳା ପୁରୁଷ ନିକଟସ୍ଥ ନଦୀରୁ କଳସରେ ପାଣି ଆଣି ଶୋଭାଯାତ୍ରାରେ ଆସି ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ପରେ ଅଙ୍କୁରରୋପଣ କରାଯାଇଥିଲା। ରବିବାର ପୁରୋହିତ କୁଞ୍ଜବିହାରୀ ହୋତା, ସହ ପୂଜକ ନୟନ ତ୍ରିପାଠୀ, ବିକନ ପଣ୍ଡାଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ କରାଯାଇ ମନ୍ଦିର ଉପରେ ଅଷ୍ଟଧାତୁ, ଧାନ, ମୁଗ, ରାଶି, ବିରି ଇତ୍ୟାଦି ଶସ୍ୟ ଦେଇ ରତ୍ନମୁଦ କରାଯାଇଥିଲା। କର୍ତ୍ତା ଭାବେ ପ୍ରସନ୍ନ ବିଶ୍ୱାଳ ଓ ତାଙ୍କ ଧର୍ମପତ୍ନୀ ପଦ୍ମାବତୀ ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ବୀରେନ ତ୍ରିପାଠୀ, ବୃଷଭ ପାଣ୍ଡେ, ବୀରେନ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ରାତିରେ ଧଉରାପାଲ୍ଲୀ ରାମଲୀଳା ସଂଘ ତରଫରୁ ସୁନ୍ଦରାକାଣ୍ଡ ନାଟକ ପରିବେଷଣ କରାଯାଇଥିଲା। ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନେତା ଯୋଗଦେଇଥିଲେ।



# ବିଶ୍ୱ ହୋମିଓପ୍ୟାଥି ଦିବସ ପାଳିତ



କଣିହାଁ,୧୨।୪(ସମିସ): କଣିହାଁ ବ୍ଲକ ପବିତ୍ରନଗରସ୍ଥିତ ହୋମିଓପ୍ୟାଥି ମେଡିକାଲରେ ଶନିବାର ବିଶ୍ୱ ହୋମିଓପ୍ୟାଥି ଦିବସ ପାଳିତ ହୋଇଛି। ଏହି ଅବସରରେ ହୋମିଓପ୍ୟାଥିର ଜନକ ଡା. ସାମୁଏଲ ହାନିମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ହୋମିଓପାଥିର ଉପାଦେୟତା ଉପରେ ମେଡିକାଲର ଡାକ୍ତର ସାରଦା ପ୍ରସନ୍ନ ସାମନ୍ତରାୟ ବକ୍ତବ୍ୟ ରଖିଥିଲେ। ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ରମେଶ ଚନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ସାମଲ, ଦିବାକର ସାହୁ, ସୂର୍ଯ୍ୟକାନ୍ତ ରାଉତ, କୃଷ୍ଣଚନ୍ଦ୍ର ସାହୁ, କୁମୁଦିନୀ ପ୍ରଧାନ, ମନୋଜ କୁମାର ପ୍ରଧାନ, ଡିଲେଶ୍ୱର ସାହୁ, ରାଜେଶ ପ୍ରଧାନ, ରୁପନ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ରୁମଟା କମ୍ପାନୀକୁ ଗ୍ରାମବାସୀଙ୍କ ବିରୋଧ



ତାଳଚେର,୧୨।୪(ସମିସ): ଶନିବାର ସନ୍ଧ୍ୟାରେ ରୁମଟା କମ୍ପାନୀର ଡ୍ରିଲିଂ ମେସିନ୍ ନେଇ ଏକ ଟ୍ରକ ବୋରୱେଲ ନିମନ୍ତେ ତାଳଚେର ବ୍ଲକ ଧରମପୁର ପଞ୍ଚାୟତ ସରେଇଲୋ ଗ୍ରାମକୁ ଯାଇଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ପଞ୍ଚାୟତର ଖଇରାପାଳ, ସରେଇଲୋ ଓ ଧରମପୁର ଗ୍ରାମର ଶତାଧିକ ପୁରୁଷ, ମହିଳା ସେଠାରେ ପହଞ୍ଚି ଗାଡ଼ି ଓ ଚାଳକମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖିଥିଲେ।

ଗତ ୯ ତାରିଖ ୩ ଗ୍ରାମର ୫ଶହରୁ ଅଧିକ ପୁରୁଷ, ମହିଳା ଉପଜିଲ୍ଲାପାଳ, ତହସିଲଦାର, ଏସଡିପିଓ ଓ ରୁମଟା କମ୍ପାନୀର ପ୍ରତିନିଧିଙ୍କ ସହ ଆଲୋଚନା କରିବା ପରେ କମ୍ପାନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇ ସହମତି କ୍ରମେ ଡ୍ରିଲିଂ କାର୍ଯ୍ୟ ହୋଇପାରିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ କମ୍ପାନୀ କେବଳ କିଛି ଲୋକଙ୍କ ସହ ଆଲୋଚନା କରି ସନ୍ଧ୍ୟାରେ ଡ୍ରିଲିଂ କରିବାକୁ ମେସିନ ଆଣୁଥିବା ବେଳେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଡ୍ରିଲିଂ ମେସିନ ସହ ଚାଳକଙ୍କୁ ଅଟକ ରଖିଥିଲେ। ଦୀର୍ଘ ସମୟ ପରେ ପୁଲିସ ସହାୟତାରେ କମ୍ପାନୀ କର୍ତ୍ତୃପକ୍ଷ ମେସିନ ଓ ଚାଳକଙ୍କୁ ନେବାକୁ ଆସିଥିବା ବେଳେ ପୁଲିସ୍ ଅଧିକାରୀଙ୍କ ଉପସ୍ଥିତିରେ ପଞ୍ଚାୟତବାସୀ ଏକ ଚୁକ୍ତି କରିଥିଲେ। ଚୁକ୍ତି ଅନୁଯାୟୀ, ପୁନର୍ବାର ପଞ୍ଚାୟତ ସ୍ତରରେ କୌଣସି ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ରୁମଟା କମ୍ପାନୀ ଗ୍ରାମରେ ପ୍ରବେଶ କରିପାରିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଡ୍ରିଲିଂ ମେସିନ ଓ ଚାଳକଙ୍କୁ ମୁକ୍ତ କରାଯାଇଛି।

● ଜିଲ୍ଲା ମହୋତ୍ସବ ପାଇଁ ଦେଉଳଝରୀ ଶୈବପୀଠରୁ ବାହାରିଲା ମଶାଲ

# କିଶୋରନଗରରେ ଜ୍ୟୋତିଯାତ୍ରାକୁ ସ୍ୱାଗତ

କିଶୋରନଗର,୧୨।୪(ସମିସ): ଜିଲ୍ଲା ମହୋତ୍ସବ ପାଇଁ ରବିବାର ଆଠମଲ୍ଲିକ ଦେଉଳଝରୀ ଶୈବପୀଠରେ ପୂଜାର୍ଚ୍ଚନା କରାଯାଇ ମଶାଲ ଜ୍ୟୋତିଯାତ୍ରା ବାହାରିଛି। ଶୋଭାଯାତ୍ରାରେ ମଶାଲକୁ ସହର ପରିକ୍ରମା କରାଯାଇଥିଲା। ଏଥିରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଏନଏସି ପ୍ରତିନିଧି ସନ୍ତୋଷ ହୋତା, ବ୍ଲକ ପ୍ରତିନିଧି ପ୍ରକାଶ ସାହୁ ଓ ଉପଖଣ୍ଡର ପଦାଧିକାରୀମାନେ ସାମିଲ ହୋଇଥିଲେ। ମଶାଲ ଜ୍ୟୋତି ଠାକୁରଗଡ଼ ପୁରୁଷମାଳ, ଅଙ୍ଗପଡ଼ା, ହିମିତିରା ଦେଇ କିଶୋରନଗର କଲେଜ ଛକ ଓ ବ୍ଲକ ସମ୍ମୁଖରେ ପହଞ୍ଚିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ପୁଷ୍ପ, ଧୂପଦୀପ ଦେଇ ଏହାକୁ ସ୍ୱାଗତ କରାଯାଇଥିଲା। ଏଥିରେ ବିଡିଓ ଶୁଭକାନ୍ତ ନାଏକ, ଏବିଡିଓ ଦିଲୀପ ପ୍ରଧାନ, ତହସିଲଦାର ବିକ୍ରମ କେଶରୀ ନାୟକ, ସିଡିପିଓ ଭାଗ୍ୟଲତା ସେଠୀଙ୍କ ସମେତ ବ୍ଲକ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ପରେ ମଶାଲ ଶୋଭାଯାତ୍ରା ତାଳଚେରର ମା' ହିଙ୍ଗୁଳା ପୀଠ ଅଭିମୁଖେ ବାହାରିଥିଲା।



# ଗାଁକୁ ମାଡ଼ିଆସୁଛନ୍ତି ଜଙ୍ଗଲୀ ଜନ୍ତୁ

● ଗ୍ରାମବାସୀ ଆତଙ୍କିତ
● ବନ ବିଭାଗ ନିଷ୍କ୍ରିୟ

କଣିହାଁ,୧୨।୪(ସମିସ): କଣିହାଁ ବ୍ଲକ୍ ସୁସୁବା ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମରେ ଜଙ୍ଗଲୀ ଜନ୍ତୁଙ୍କ ଆତଙ୍କ ଦିନକୁ ଦିନ ବୃଦ୍ଧି ପାଉଛି। ସଂରକ୍ଷିତ ଜଙ୍ଗଲ ତଳେ ରହିଥିବା ଏହି ଗାଁ ଭିତରକୁ ସନ୍ଧ୍ୟା ହେଲେ ହାତୀପଲ, ବାର୍ହା ସହ ଅନ୍ୟ ହିଂସ୍ର ଜନ୍ତୁ ପଶି ଆସୁଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ଏ ଦିଗରେ ବନ ବିଭାଗର ନିଷ୍କ୍ରିୟତା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ବନ୍ୟଜନ୍ତୁଙ୍କ ଦ୍ୱାରା ବ୍ୟାପକ ଫସଲହାନି ସହ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ଅସ୍ଥିର ହୋଇପଡ଼ିଛି। ସନ୍ଧ୍ୟା ପରେ ଘରୁ ବାହାରିବାକୁ ଲୋକେ ଭୟ କରୁଛନ୍ତି। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଆତଙ୍କରେ ରହୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବନ ବିଭାଗର କୌଣସି କର୍ମଚାରୀ କିମ୍ବା 'ହାତୀ ସାଥୀ' ଦଳ କେବେ ଗ୍ରାମକୁ ଆସୁନାହାନ୍ତି। ସରକାରଙ୍କ ତରଫରୁ ସୋଲାର ଲାଇଟ ବ୍ୟବସ୍ଥା ମଧ୍ୟ ନ ଥିବାରୁ ଅନ୍ଧାରରେ ସମସ୍ୟା ଆହୁରି ବଢ଼ିଛି। ଗ୍ରାମବାସୀଙ୍କ ତରଫରୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ଗେଙ୍ଗୁଟିଆ ଗ୍ରାମ ସଭାପତି ମଦନମୋହନ ପ୍ରଧାନଙ୍କ ସହ ହୀରାବତୀ ସାହୁ ଓ ନଳିନୀ ସାହୁ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି।

# ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଉଦଯାପିତ



କିଶୋରନଗର,୧୨।୪(ସମିସ): କିଶୋରନଗର ବିଜେପି ମଣ୍ଡଳ ପକ୍ଷରୁ ସ୍ଥାନୀୟ ସାଧୁପାଳସ୍ଥିତ କଲ୍ୟାଣ ମଣ୍ଡପରେ ୨ ଦିନଧରି ଚାଲିଥିବା ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ରବିବାର ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ତଥା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁଦୀପ୍ତ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ଉପସଭାପତି ମନୋଜ ପ୍ରଧାନ ଯୋଗଦେଇ ଦଳୀୟ ବିଚାରଧାରା ଅନୁସାରେ କର୍ମୀମାନେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସରୋଜ ସାହୁ, ଜିଲ୍ଲା ଏସଡିଏସ ଚେୟାରମ୍ୟାନ ବଶିଷ୍ଠ ନାୟକ, କୃଷକ ମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରତ୍ନାକର ପ୍ରଧାନ, ଅଜିତ ପ୍ରଧାନ, ପୂର୍ବତନ ମଣ୍ଡଳ ସଭାପତି ଅଖିଳ ପ୍ରଧାନ, ଜଳଧର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

# ଗାଁ ସମ୍ପାଦକ ସମେତ ୩ ଜଣଙ୍କୁ ଉଠାଇନେଲା ପୁଲିସ

## କୋଶଳାରେ ତୀବ୍ର ଉତ୍ତେଜନା

ଛେଣ୍ଡିପଦା,୧୨।୪(ସମିସ):

ଛେଣ୍ଡିପଦା ଥାନା କୋଶଳା ଗାଁରେ ରବିବାର ମଧ୍ୟାହ୍ନରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଛି। କୋଶଳା ଗାଁ ମଧ୍ୟ ଦେଇ କୋଇଲା ପରିବହନ ପ୍ରତିବାଦରେ ଦୀର୍ଘ ୩୬ ଦିନ ହେବ ଅହୋରାତ୍ର ଧାରଣାକୁ ଓହ୍ଲାଇଥିଲେ ଗ୍ରାମବାସୀ। ତେବେ ରବିବାର ପୁଲିସ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବା ଗାଁ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ୩ ଜଣଙ୍କୁ ଉଠାଇ ନେଇଥିଲା। ଫଳରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।





୬୩ନଂ ରାଜ୍ୟ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଗ୍ରାମରେ କୌଣସି ଅପ୍ରୀତିକାର ପରିସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି।

ନୈନୀ କୋଇଲା ଖଣିରୁ କୋଇଲା ବୋଝେଇ ଟ୍ରକ କୋଶଳା ଗ୍ରାମ ମଧ୍ୟ ଦେଇ ପରିବହନ ପ୍ରତିବାଦରେ ଗତ ମାର୍ଚ୍ଚ ୫ ତାରିଖରୁ ଗ୍ରାମବାସୀ ଚନ୍ଦନ ନଗରଠାରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଅପରପକ୍ଷେ ୬୩ନଂ ରାଜ୍ୟ ରାଜପଥରେ କୋଇଲା ଟ୍ରକ ଚଳାଚଳକୁ ନେଇ ଏପ୍ରିଲ ୬ ତାରିଖରୁ ପ୍ରଶାସନର ଅପାରଗତାକୁ ଦାୟୀ କରି ଆନ୍ଦୋଳନ ଚଳାଇଛି ଟ୍ରକ ମାଲିକ ସଙ୍ଘ। ଏନେଇ ପ୍ରଶାସନ ପକ୍ଷରୁ ଟ୍ରକ ଚଳାଚଳକୁ ନେଇ ବାରମ୍ବାର ସମନ୍ୱୟ ବୈଠକ କରାଯାଇଥିଲେ ମଧ୍ୟ ବିଫଳ ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ପୁଲିସ ପ୍ରଶାସନ ପକ୍ଷରୁ କୋଶଳା ଗ୍ରାମ ମଧ୍ୟ ଦେଇ ଟ୍ରକ ଚଳାଚଳ କରାଇବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କ ତୀବ୍ର ବିରୋଧ ଯୋଗୁଁ କୋଇଲା ବୋଝେଇ ଟ୍ରକ ଓ ପୁଲିସ ପ୍ରଶାସନ ଫେରିଯାଇଥିଲେ। କିନ୍ତୁ ରବିବାର ମଧ୍ୟାହ୍ନରେ ପୁଲିସର ଏକ ଟିମ କୋଶଳା ଗ୍ରାମର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗ୍ରାମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ, କମାର ପ୍ରଧାନ ଓ ଚିତ୍ତରଞ୍ଜନ ସାହୁଙ୍କୁ ଉଠାଇ ନେଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ତୀବ୍ର ଉତ୍ତେଜନା ଦେଖାଦେବା ସହିତ ଧାରଣାସ୍ଥଳରେ ଶତାଧିକ ପୁରୁଷ ଓ ମହିଳା ଏକତ୍ରିତ ହୋଇଥିଲେ। ଫଳରେ ଧାରଣାସ୍ଥଳରେ ଉତ୍ତେଜନାତ୍ମକ ପରିସ୍ଥିତି ଉପୁଜିଥିଲା। ପୁଲିସ ଉଠାଇ ନେଇଥିବା ଲୋକଙ୍କୁ ତୁରନ୍ତ ଛାଡ଼ିବା ଦାବିରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଛେଣ୍ଡିପଦା-ଅନୁଗୋଳ ୬୩ନଂ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ପୂର୍ବତନ ବିଧାୟକ ସୁଶାନ୍ତ ବେହେରା, ସରପଞ୍ଚ ଉଦିତ ପ୍ରଧାନ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ପରେ ଗ୍ରାମବାସୀ ରାସ୍ତାରୁ ହଟିଥିଲେ। ଏନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି।

# ପାଚିକା-ସହାୟିକା ସଂଘର ବୈଠକ



ଢେଙ୍କାନାଳ, ୧୨।୪(ସମିସ): ସ୍ଥାନୀୟ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମଡିଏମ ପାଚିକା-ସହାୟିକା ସଂଘ ସଦର ବ୍ଲକ କମିଟିର ବୈଠକ ସୁବାସିନୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ପାଦିକା ଶାନ୍ତିପ୍ରିୟା ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲା ସଭାପତି ରବି ରଥ ଯୋଗଦେଇ ପାଚିକା-ସହାୟିକାମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଉପରେ ଉଦ୍‌ବୋଧନ ଦେଇଥିଲେ। ଗତ ମାର୍ଚ୍ଚ ୧୬ ତାରିଖ ବିଧାନସଭା ସମ୍ମୁଖରେ ହୋଇଥିବା ଆନ୍ଦୋଳନ ଉପରେ ଆଲୋଚନା କରିଥିଲେ। ୧୦ ମାସ ବଦଳରେ ୧୨ମାସର ପାରିଶ୍ରମିକ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଅବସର ପରେ ପେନସନ, ପାଚିକାମାନଙ୍କୁ ବିଇଓଙ୍କ ଦ୍ୱାରା ନିଯୁକ୍ତି, ସର୍ବନିମ୍ନ ମଜୁରି ପ୍ରଦାନ, ସରକାରୀ କର୍ମଚାରୀ ମାନ୍ୟତା ପ୍ରଭୃତି ୧୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ୧ମାସ ମଧ୍ୟରେ କେତେଗୋଟି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାର ପାଚିକାମାନଙ୍କ ମୌଳିକ ଦାବି ଉପରେ ବିଚାର କରି ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରଥ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ବଜାରରେ ଯେପରି ଭାବେ ଦରଦାମ ବୃଦ୍ଧି ଘଟିବାରେ ଲାଗିଛି ମାସକୁ ଗୋଟିଏ ପାଚିକା ପରିବାର ୩ ହଜାର ଟଙ୍କା ପାଇ କିପରି ପ୍ରତିପୋଷଣ ହୋଇପାରିବ ବୋଲି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସଙ୍ଗଠନକୁ ଦୃଢ଼ କରିବା ଉପରେ ଆଲୋଚନା କରାଯାଇ ସେକ୍ଟର ମେମ୍ବର ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୁଲି ରାଉତ, ରେବତୀ ଦାସ, ସସ୍ମିତା ରାଉତ ଓ ଝୁନୁ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ସରୁନି ରାସ୍ତା କାମ, ଘଟୁଛି ଦୁର୍ଘଟଣା

ଗଁଦିଆ, ୧୨।୪(ସମିସ)



ଦୀର୍ଘଦିନ ପରେ ମଧ୍ୟ ସରୁନାହିଁ ଗଁଦିଆ ଓ ଭୁବନବାସୀଙ୍କ ଲାଇଫଲାଇନ ଢେଙ୍କାନାଳ-ଗଁଦିଆ ମୁଖ୍ୟ ରାସ୍ତା କାର୍ଯ୍ୟ। ଫଳରେ ପ୍ରତିଦିନ କୌଣସିଠାରେ ଛୋଟ ବଡ଼ ଦୁର୍ଘଟଣା ଘଟିଚାଲିଛି। ଏ ନେଇ ଦୁଇ ବ୍ଲକର ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ରାସ୍ତାର ଉନ୍ନତୀକରଣ ପାଇଁ ୨୦୨୩ ଏପ୍ରିଲ ୧୮ରେ ଭିତ୍ତି ସ୍ଥାପନ କରାଯାଇଥିଲା। ମାତ୍ର ଧାର୍ଯ୍ୟ ସମୟ ଅବଧି ମଧ୍ୟରେ କାର୍ଯ୍ୟ ସରିନାହିଁ। ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏହି ରାସ୍ତା ଦୁଇ ବ୍ଲକର ଲାଇଫଲାଇନ କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ଜିଲ୍ଲା ମୁଖ୍ୟାଳୟରୁ ସିଧାସଳଖ ଗଁଦିଆ ବ୍ଲକ ଦେଇ ଷଡ଼ଙ୍ଗୀ ଛକରୁ ବିଭକ୍ତ ହୋଇ ପଡ଼ୋଶୀ ଭୁବନ ବ୍ଲକ ଓ ଯାଜପୁର ଜିଲ୍ଲାର ଚଢ଼େଇଧରା ଛକ ଓ ଦେଓଗାଁ ଛକରୁ କଟକ ଜିଲ୍ଲାର ଚୌଦ୍ୱାରକୁ ସଂଯୋଗ କରିଛି। ଦେଓଗାଁ ଛକରୁ ମଦାର ବ୍ରାହ୍ମଣୀନଦୀ ଉପରେ ନିର୍ମିତ ବାଜି ରାଉତ ସେତୁ ପର୍ଯ୍ୟନ୍ତ ପ୍ରାୟ ୨୧ କିଲୋମିଟର ରାସ୍ତାର ନିର୍ମାଣ ୩ ବର୍ଷ ତଳୁ ଆରମ୍ଭ କରାଯାଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ସମ୍ପୂର୍ଣ ହୋଇପାରିଲା ନାହିଁ। ରାସ୍ତାରେ କେଉଁଠି ପିଚୁ ବିଛାଯାଇଛି ତ କେତେକ ସ୍ଥାନରେ ସେପରି ପଡ଼ିଆ ରହିଛି। ବିଶେଷ କରି ଏହି ବ୍ଲକର ବଣିଆପଡ଼ା ଛକ ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଉକ୍ତ ସ୍ଥାନରେ ବ୍ୟାଙ୍କ, ଥାନା, କୋର୍ଟ, ବ୍ଲକ ଓ ତହସିଲ, ସବରେଜିଷ୍ଟ୍ରାର ଆଦି ପ୍ରମୁଖ କାର୍ଯ୍ୟାଳୟ ରହିଛି। ମାତ୍ର ଛକ ରାସ୍ତା ଅବସ୍ଥା ଦୟନୀୟ ହୋଇପଡ଼ିଥିବାରୁ ଦିନରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ଲାଗିରହୁଛି। ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ସାମାନ୍ୟ ବର୍ଷା ହେଲେ ରାସ୍ତାର ବାମ ପାର୍ଶ୍ୱରେ ପାଣି ଜମି ରହୁଛି। ଏଣୁ ଯାତାୟାତ ଯନ୍ତ୍ରଣାଦାୟକ ହୋଇପଡୁଛି। ପୂର୍ବରୁ ଭୁବନ ଅଞ୍ଚଳର ଜନସାଧାରଣ ଜିଲ୍ଲା ସଦର ମହକୁମାକୁ କାମାକ୍ଷାନଗର ଦେଇ ଯାଉଥିଲେ। ବ୍ରାହ୍ମଣୀ ନଦୀରେ ବ୍ରିଜ ହେବା ଫଳରେ ସିଧସଳଖ ଯୋଗାଯୋଗ ଦୂରତ୍ୱ କମିଲା। ତେଣୁ ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ସେହିପରି ଉକ୍ତ ଅଞ୍ଚଳର ବ୍ୟବସାୟୀମାନେ ବୁଲିକରି କଟକ ଯାଉଥିଲେ। କିନ୍ତୁ ବର୍ତ୍ତମାନ କମ ସମୟ ମଧ୍ୟରେ ଉକ୍ତ ରାସ୍ତା ଦେଇ ସୁବିଧାରେ ପହଞ୍ଚି ପାରୁଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ପୂର୍ତ୍ତ ବିଭାଗ ପଦକ୍ଷେପ ନେବାକୁ ଦୃଢ଼ ଦାବି ହେଉଛି।

# ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ



ଢେଙ୍କାନାଳ, ୧୨।୪(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିର ସମ୍ମୁଖରେ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ହିମନ୍ତା ବିଶ୍ୱଶର୍ମା ସାଧାରଣ ସଭାରେ ଅପମାନଜନକ ମନ୍ତବ୍ୟ ଦେବା ସହିତ ତାଙ୍କ ନାମରେ ଅପଶବ୍ଦ ବ୍ୟବହାର କରିବାକୁ କଂଗ୍ରେସ ତରଫରୁ ଦୃଢ଼ ନିନ୍ଦା କରାଯିବା ସହିତ ପ୍ରତିବାଦ କରାଯାଇ ଏହି ପ୍ରତିକାତ୍ମକ ଦହନ କରାଯାଇଥିଲା। ବିଜେପିରେ ପ୍ରଧାନମନ୍ତ୍ରୀ ମୋଦିଙ୍କଠାରୁ ଆରମ୍ଭ କରି ଅନେକ ନେତା କଂଗ୍ରେସର ବରିଷ୍ଠ ନେତା ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେବା, ଅସମ୍ମାନ କରିବା ଅଭ୍ୟାସଗତ ହୋଇଗଲାଣି। ଏହା ଗଣତନ୍ତ୍ରର ସୁସ୍ଥ ପରମ୍ପରାକୁ କ୍ଷୁଣ୍ଣ କରୁଛି ଏବଂ ସର୍ବସାଧାରଣରେ ଆଲୋଡ଼ନ ସୃଷ୍ଟି କରୁଛି ବୋଲି ଜିଲ୍ଲା କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସଭାପତି ବିନୟ କୁମାର ସାହୁ, ସରୋଜ ଶତପଥୀ, ପ୍ରିୟବ୍ରତ ଗଡ଼ନାୟକ, ଗୋପାଳ ଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଅଜିତାନନ୍ଦ ବିହାରୀ, ଟାଉନ ସଭାପତି ବିକାଶ ସ୍ୱାଇଁ, ନାରୀନେତ୍ରୀ ସ୍ମିତାରାଣୀ ସାମଲ, ରୁମେନା ବେଗମ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମଶଙ୍କର ମିଶ୍ର, ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ନିଶାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ନୁରୁଲ ଇସଲାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହିନ୍ଦୋଳରେ ବିଜେପିର ଗାଁକୁ ଚାଲ ଅଭିଯାନ



ହିନ୍ଦୋଳ, ୧୨।୪(ସମିସ): ହିନ୍ଦୋଳ ନଗର ମଣ୍ଡଳ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଖରମୂଳଠାରେ ବିଜେପିର ୪୭ତମ ସ୍ଥାପନା ଦିବସ ଅବସରରେ ଗାଁକୁ ଚାଲ ଅଭିଯାନ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ପତି, ଜିଲ୍ଲା ଉପସଭାପତି ସହଦେବ ପୃଷ୍ଟି, ହିନ୍ଦୋଳ ବ୍ଲକ ଉପାଧକ୍ଷ ତଥା ଜିଲ୍ଲା ଉପସଭାପତି ବରୁଣ କୁମାର ସର, କାଉନସିଲର ତୃପ୍ତିମୟୀ ବେହେରା, ନଗର ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ପଲ୍ଲିପ୍ରିୟା ପତି, ଶିକ୍ଷାବିତ ହଳଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ରାଜ୍ୟ ପରିଷଦ ସଭ୍ୟ ମନୋରଞ୍ଜନ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତା ସୋମନାଥ ସେଠୀ, ପ୍ରଦୀପ ସାମନ୍ତ, କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ, ଶରତ ଭୁତିଆ, କାର୍ତ୍ତିକ ପ୍ରଧାନ, ପାରିକୂଳ ମଣ୍ଡଳ ସଭାପତି ରବିନ ବାରିକ, ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ, ହାତୁରା ମଣ୍ଡଳ ସଭାପତି ସୁଜିତ ଜେନା, ଶେଷଦେବ ସାହୁ, ଶ୍ରୀକାନ୍ତ ସର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖରମୂଳ ଓ ତାଳଦଣ୍ଡାର ସମସ୍ତ ପରିବାରକୁ ଦଳ ପକ୍ଷରୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ଫେରିବା ବାଟରେ ସାଂସଦ ଲୋକଙ୍କ ସମସ୍ୟା ଶୁଣି ସମାଧାନ ପାଇଁ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରାଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଅଜୟ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଟାଷ୍ଟିଲ ମେରାମଣ୍ଡଳୀରେ ସୁରକ୍ଷା ତାଲିମ ଶିବିର

ଢେଙ୍କାନାଳ, ୧୨।୪(ସମିସ): ଜରୁରୀକାଳୀନ ପ୍ରସ୍ତୁତି ଏବଂ ସାମୁଦାୟିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ କଟକ ମୁଣ୍ଡଳୀସ୍ଥିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆରଏଫ) ଏବଂ ଟାଟାଷ୍ଟିଲ ମେରାମଣ୍ଡଳୀ (ଟିଏସଏମ) ମିଳିତ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଟିଏସଏମ କିସିଦା କ୍ଲବରେ ଏହି ଅପରେସନାଲ ଫ୍ୟାମିଲିୟାରାଇଜେସନ ଏବଂ କମ୍ୟୁନିଟି ଆୱାରନେସ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏନଡିଆରଏଫ ଟିମ ଲିଡର ମୀର ସିଂ ଏବଂ ଟୁ ଆଇସି ଅନନ୍ତ କୁମାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୧୫୦ ଜଣ ଅଂଶଗ୍ରହଣକାରୀଙ୍କୁ ଅଗ୍ନିଶମ ସେବା, ସିପିଆର, ପ୍ରାଥମିକ ଚିକିତ୍ସା ଏବଂ ସର୍ପାଘାତ ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବ୍ୟାବହାରିକ ତାଲିମ ପ୍ରଦାନ କରାଯାଇଥିଲା।



ଟିଏସଏମର ବରିଷ୍ଠ ଅଧିକାରୀ ଚିଫ ସେଫ୍ଟି ବିଳାସ ଗାଏକୱାଡ, ହେଡ ସିକ୍ୟୁରିଟି ମୁକୁଲ କୁମାର, ହେଡ ପ୍ରୋସେସ ସେଫ୍ଟି ବରୁଣ କୁମାର, ଟିଏମଏଚ ମେରାମଣ୍ଡଳୀର ଇନଚାର୍ଜ ଡା. ଆଶିଷ ମହାପାତ୍ର, ଟିଏସଏଫର ୟୁନିଟ୍ ଲିଡ କୁମାର ସୌରଭ ଏବଂ ଫାୟାର ଆଣ୍ଡ ସେଫ୍ଟି ଇନଚାର୍ଜ ଡିକେ ସିଂଙ୍କ ସମେତ ସୁରକ୍ଷା ଓ ସିକ୍ୟୁରିଟି ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଭଳି କାର୍ଯ୍ୟକ୍ରମ ଦ୍ୱାରା ଶିଳ୍ପସଂସ୍ଥା ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବିପତ୍ତି ସମୟରେ ପରସ୍ପର ମଧ୍ୟରେ ସମନ୍ୱୟ ସୁଦୃଢ଼ ହୋଇପାରିବ ବୋଲି କୁହାଯାଇଛି।

# କବି ବ୍ରଜନାଥଙ୍କ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର



ଗଁଦିଆ, ୧୨।୪(ସମିସ): କବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଉପଲକ୍ଷେ ଗଁଦିଆ ବ୍ଲକ କାବେରା ଗ୍ରାମ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ବ୍ରଜନାଥ ବଡ଼ଜେନା ଯୁବକ ସଂଘ ଓ ସଙ୍କଳ୍ପ ସୋସିଆଲ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୩୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସଂଘ ଆବାହକ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭାପତି ବ୍ରହ୍ମାନନ୍ଦ ନାୟକ ମୁଖ୍ୟଅତିଥି, ସମ୍ପାଦକ ଚନ୍ଦନ କୁମାର ରାଉଳ ଓ ସଂଘ ସଭାପତି ମନୋଜ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିରଞ୍ଚି ନାୟକ, ରଶ୍ମିତା ରାଉତ, ପ୍ରତାପ ନାୟକ, ରବିନାରାୟଣ ରାଉଳ, ମଙ୍ଗରାଜ ମହାନ୍ତି, ଉଚ୍ଛବ ଦାସ, ଦିଲୀପ ମହାନ୍ତି, ଜ୍ଞାନରଞ୍ଜନ ରାଉତ, ବିଶ୍ୱଜିତ ମହାନ୍ତି, ବଳିଆ ବାରିକ, ଶ୍ରୀବତ୍ସ ନାୟକ, ଦେବୀପ୍ରସାଦ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ପ୍ରଭାତ ସାହୁ, ସ୍ୱସ୍ତିକ ନାୟକ, ଶୁଭମ ନାୟକ, ଶୁଭାଶିଶ ନାୟକ, ରଶ୍ମି ନାୟକ, ବିକାଶ ନାୟକ ସହଯୋଗ କରିଥିଲେ। ରକ୍ତଭଣ୍ଡାର କାର୍ଯ୍ୟକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ।

# ଭାରତୀୟ ଯୋଗ ସଂସ୍ଥାନର ପ୍ରତିଷ୍ଠା ଦିବସ

ଢେଙ୍କାନାଳ, ୧୨।୪(ସମିସ): ସ୍ଥାନୀୟ ଲେଖକ ସଂସଦଠାରେ ଭାରତୀୟ ଯୋଗ ସଂସ୍ଥାନର ୬୦ତମ ପ୍ରତିଷ୍ଠା ଦିବସ ଓ ଯୋଗ ଜିଲ୍ଲାର ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ଓଡ଼ିଶାର ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବସନ୍ତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଢେଙ୍କାନାଳ ଯୋଗ ଜିଲ୍ଲା ପ୍ରଧାନ ସୁଶୀଲ କୁମାର ପଣ୍ଡା ଓଁକାର ଧ୍ୱନି, ଗାୟତ୍ରୀ ମନ୍ତ୍ର, ଜିଲ୍ଲା ଉପପ୍ରଧାନ ରଘୁନନାଥ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କାରିଥିଲେ। ଦିଲୀପ କୁମାର ମହାନ୍ତି ଅନୁଲୋମ ବିଲୋମ, ଭ୍ରାମରି ଓ କ୍ଷେତ୍ର ଅଧିକାରୀ ଡ. ଏନସି, ଡ. ଧରମାନନ୍ଦ ପୃଷ୍ଟି, ପ୍ରତାପ ପତି, ଇନ୍ଦିରା, ଶରତ ଲେଙ୍କା, ସ୍ମିତା, ଅଞ୍ଜଳି, ଉମେଶ ଯୋଗାସନ କରାଇଥିଲେ। ଡ. ପୀତବାସ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ ଓ ଜିଲ୍ଲା ପ୍ରଧାନ ଶାନ୍ତିପାଠ କାରିଥିଲେ। ପ୍ରାନ୍ତପ୍ରଧାନ ସୁରେଶ ମହାପାତ୍ର ଯୋଗର ମାର୍ଗଦର୍ଶନ କାରିଥିଲେ। ଯୋଗ ଜିଲ୍ଲା ଉପପ୍ରଧାନ ରଘୁନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



# ମାଇହାତୀର ମୃତଦେହ ଉଦ୍ଧାର

ହିନ୍ଦୋଳ/ଖଜୁରିଆକଟା, ୧୨।୪(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ରବିବାର ଏକ ମାଇହାତୀର ମୃତଦେହ ଉଦ୍ଧାର ହୋଇଛି। ସକାଳେ ସିଙ୍ଗଳ ରେଞ୍ଜ ବରଗୋଜ ସଂରକ୍ଷିତ ଜଙ୍ଗଲରେ ମାଇହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବରୁ ହାତୀଟି ଅସୁସ୍ଥ ଥିବା ବେଳେ ବନବିଭାଗ ତାହାର ଗତିବିଧି ଏବଂ ସ୍ୱାସ୍ଥ୍ୟ ଉପରେ ନଜର ରଖିଥିଲା। ହାତୀଟି ସମ୍ପୃକ୍ତ ଅଞ୍ଚଳରେ ଘୂରି ବୁଲୁଥିଲା। ଆଜି ସକାଳେ ହାତୀର ମୃତଦେହ ଠାବ କରାଯାଇଛି। ଘଟଣାସ୍ଥଳରେ ବନ କର୍ମଚାରୀ ଏବଂ ଡାକ୍ତରୀ ଦଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। କେଉଁ କାରଣରୁ ହାତୀର ମୃତ୍ୟୁ ଘଟିଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ବନବିଭାଗ ପକ୍ଷରୁ। ତେବେ ବୟସାଧିକ ଓ ଅସୁସ୍ଥତା କାରଣରୁ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।



# ଆଇଏମଏଫଏଲରୁ ୬୨ଲକ୍ଷ ଟଙ୍କା ଅନିୟମିତତା, ୨ ଗିରଫ

ଢେଙ୍କାନାଳ, ୧୨।୪(ସମିସ): ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଗଣେଶ ବଜାର ଶ୍ରୀରାମ ବିହାରର ଆଇଏମ୍‌ଏଫଏଲ ଦୋକାନରୁ ୬୦ଲକ୍ଷ ୧ ହଜାର ୩୩୦ଟଙ୍କା ଅନିୟମିତତା ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସଦରଥାନା ଗୁଣ୍ଡିଚାପଡ଼ା ବେଣାଳିଆ ଗ୍ରାମର ବିନୋଦ କୁମାର ବେହେରା (୫୧) ଓ ଟାଉନଥାନା ଗୁଡ଼ିଆନାଳୀର ଦୟାନିଧି ବରାଳ (୬୦)। ଗଣେଶ ବଜାର ଶ୍ରୀରାମ ବିହାରରେ ରହୁଥିବା ଦେବବ୍ରତ ମହାନ୍ତିଙ୍କ ପତ୍ନୀ ପ୍ରଭାସିନୀ ମହାନ୍ତି ଆଇଏମଏଫଏଲ ଦୋକାନରୁ ୬୨ଲକ୍ଷ ୧ ହଜାର ୩୩୦ ଟଙ୍କା ଅନିୟମିତତା ହୋଇଥିବା ଟାଉନଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ପାରମ୍ପରିକ ଧୂଳିଦଣ୍ଡ ଓ ଦଣ୍ଡନୃତ୍ୟ



ଢେଙ୍କାନାଳ, ୧୨।୪(ସମିସ): ଢେଙ୍କାନାଳ ସହର ଉପକଣ୍ଠ ହରିପୁର ଗ୍ରାମରେ ପାରମ୍ପରିକ ଧୂଳିଦଣ୍ଡ ଓ ଦଣ୍ଡନୃତ୍ୟ ଅନୁଷ୍ଠିତ ହୋଇଛି। ଦୀର୍ଘ ୪୨ ବର୍ଷର ଅନୁଭୂତି ସମ୍ପନ୍ନ ତରଭା ଗ୍ରାମର ଗୋଡ଼ିସାହି ସଂଗଠନ ଦ୍ୱାରା ପୂର୍ବାହ୍ନରେ ଠାକୁରଙ୍କ ନଗର ପରିକ୍ରମା ସମୟରେ ଧୂଳିଦଣ୍ଡ ଓ ରାତିରେ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ମ୍ୟାନେଜର ନବକିଶୋର ବରାଳଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ପାରମ୍ପରିକ ଲୋକ ଚରିତ୍ର ଶବର-ଶବରୁଣୀ, କେଳା-କେଲୁଣି, ଚଢ଼େୟା-ଚଢ଼େୟାଣୀ, ବାଇଧନ, ବୀଣାକାର ଇତ୍ୟାଦି ଅଭିନୟ ବଡ଼ ନିଖୁଣ ଭାବେ ପ୍ରତିଫଳିତ ହୋଇଥିଲା। ଏକବେଳା ଅନ୍ନ ପ୍ରସାଦ ପାଇ ସମସ୍ତ ସଦସ୍ୟ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପ୍ରତିବର୍ଷ ଏହି ପରମ୍ପରା ବଜାୟ ରହିବ ବୋଲି ଶବର ସାହିର ମୁଖିଆ ବାଜି ଦେହୁରୀ କହିଛନ୍ତି।

# ମହିମା ବହିମେଳାର ତୃତୀୟ ସନ୍ଧ୍ୟା




ଢେଙ୍କାନାଳ, ୧୨।୪(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମରେ ନିୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଦ୍ୱିତୀୟ ମହିମା ବହିମେଳାର ତୃତୀୟ ଦିବସରେ ଢେଙ୍କାନାଳର ବରପୁତ୍ରମାନଙ୍କ ସମ୍ପର୍କରେ ଅଲୋଚନା କରାଯାଇଛି। ସନ୍ଧ୍ୟାରେ ଯୁବରାଜ ଅମରଜ୍ୟୋତି ସିଂହଦେଓ ଯୋଗଦେଇ ଢେଙ୍କାନାଳ ମାଟି ହେଉଛି ବୀରଭୂମି, ସାରସ୍ୱତ ସାଧନାର କ୍ଷେତ୍ର ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଢେଙ୍କାନାଳର ବରପୁତ୍ରମାନଙ୍କ ଗୁଣଗାନ କରିଥିଲେ। ସମ୍ମାନିତ ବକ୍ତା ଭାବେ ସଂସ୍କୃତି ଗବେଷକ ପ୍ରଦ୍ୟୁମ୍ନ ରଥ, ଡ. ଦୁର୍ଗାମାଧବ ପୃଷ୍ଟି, ଶିଳ୍ପୀ ପରେଶ ପଟ୍ଟନାୟକ, କବି ନର୍ମଳା ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି, ଯୁବକବି ଅବନୀ ମିଶ୍ର ପ୍ରମୁଖ ଯୋଗଦେଇ ଢେଙ୍କାନାଳର ସାରସ୍ୱତ ସ୍ରଷ୍ଟାମାନଙ୍କ ଜୀବନୀ ଓ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ। ନିୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ସଭାପତିତ୍ୱ କରିଥିବା ବେଳେ କବି ବିବେକାନନ୍ଦ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ଅବନୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ସରକାରୀ ଓକିଲଙ୍କ ପ୍ରଶିକ୍ଷଣ ଶିବିର

ଢେଙ୍କାନାଳ, ୧୨।୪(ସମିସ)




ଢେଙ୍କାନାଳ ଜିଲ୍ଲାର ନବନିଯୁକ୍ତ ସରକାରୀ ଓକିଲଙ୍କ ନିମନ୍ତେ ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଏବଂ ରାଜ୍ୟ ଅଭିଯୋଜନ ନିର୍ଦ୍ଦେଶାଳୟ ସହଯୋଗରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ତାଲିମ କାର୍ଯ୍ୟକ୍ରମ ଏପ୍ରିଲ ୧୧ ଓ ୧୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଛି। ଭାରତୀୟ ନ୍ୟାୟ ସଂହିତାରେ ସଂଶୋଧନ ଏବଂ ଏହାର ପ୍ରଭାବ, ପୁରୁଣା ଓ ନୂଆ କ୍ରିମିନାଲ ଆଇନ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ, ନୂଆ କ୍ରିମିନାଲ ଆଇନ ଇତ୍ୟାଦି ବିଷୟରେ ପବ୍ଲିକ ପ୍ରୋସିକ୍ୟୁଟରଙ୍କ ଭୂମିକା ଓ ଦାୟିତ୍ୱ, ନୂତନ ଆଇନରେ ପୀଡ଼ିତାଙ୍କ ଅଧିକାର, ଜାମିନ ଇତ୍ୟାଦି ବିଷୟରେ ତାଲିମ ଦିଆଯାଇଛି। ପ୍ରଥମ ଦିନ ଜିଲ୍ଲା ଜଜ ପ୍ରଣବ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଏବଂ ଏଚ ନବକିଶୋର ଗୁରୁ ଯୋଗଦେଇଥିଲେ। ପ୍ରଥମ ଦିନରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଗଣେଶ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ସୋନକର ଆଇନ ବିଧିବ୍ୟବସ୍ଥାରେ ଥିବା ଅଭିଯୁକ୍ତର ଗିରଫ ଓ ରିମାଣ୍ଡ ଉପରେ ସରକାରୀ ଓକିଲମାନଙ୍କୁ ତାଲିମ ଦେଇଥିଲେ। ପବ୍ଲିକ ପ୍ରୋସିକ୍ୟୁସନ ଯୁଗ୍ମ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ନିର୍ଦ୍ଦେଶକ ଚିତ୍ତରଞ୍ଜନ କାନୁନଗୋ, ପିପି ସୀତାକାନ୍ତ ଦାସ, ସାଇଣ୍ଟିଫିକ ଅଫିସର ତପନ କୁମାର ପ୍ରଧାନ, ଫିଙ୍ଗର ପ୍ରିଣ୍ଟ ଇନ୍ସପେକ୍ଟର ବନବାସୀ ପ୍ରଧାନ, ସାଇବର କ୍ରାଇମ ଉପରେ ଅକ୍ଷୟ କୁମାର ନାୟକ ବିଭିନ୍ନ ଆଇନ ଉପରେ ପ୍ରଶିକ୍ଷଣ ଦେଇଥିଲେ।

ଦ୍ୱିତୀୟ ଦିବସରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଆଇନ ମହାବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ବିଜୟ କୁମାର ମହାପାତ୍ର, ଆଇନଜୀବୀ ସୂର୍ଯ୍ୟସ୍ନାତା ପାଲ, ପୁରୀ ଜଗନ୍ନାଥ ମେଡିକାଲ କଲେଜର ପ୍ରଫେସର ଡ. ଅମରେନ୍ଦ୍ର ନାୟକ, ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଅବସରପ୍ରାପ୍ତ ନିର୍ଦ୍ଦେଶକ ଚିତ୍ତରଞ୍ଜନ କାନୁନଗୋ ଏବଂ ପବ୍ଲିକ ପ୍ରୋସିକ୍ୟୁସନ ଯୁଗ୍ମ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ଯୋଗଦେଇ ନବନିଯୁକ୍ତ ସରକାରୀ ଓକିଲମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ପିପି ସୀତାକାନ୍ତ ଦାସ, ସହନିର୍ଦ୍ଦେଶିକା ମଧୁସ୍ମିତା ଦାସ, ଅନୁଗୋଳ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶିକା ହରପ୍ରିୟା ସ, ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ କର୍ମଚାରୀ ଓ ପିପି ଅଫିସ କର୍ମଚାରୀ ସହଯୋଗ କରିଥିଲେ। ଏପିପି ଶାଶ୍ୱତ ଜେନା ଏବଂ ନିରୁପମା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାରଙ୍ଗଧର ମିଶ୍ରଙ୍କ ସ୍ମୃତିଚାରଣ ସଭା



ଗଁଦିଆ, ୧୨।୪(ସମିସ): ଷଡ଼ଙ୍ଗୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସ୍ୱର୍ଗତ ସାରଙ୍ଗଧର ମିଶ୍ରଙ୍କ ଏକାଦଶାହରେ ଝାରଦା ଗିରିଧାରୀ ଆଶ୍ରମ ପ୍ରାଙ୍ଗଣରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ୧୯୭୭ ବ୍ୟାଚ ଛାତ୍ରୀ ଗୋଲାପମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ରୀ ବିବାସିନୀ ବିହାରୀ, ପୁରାତନ ଛାତ୍ର ଗୋବର୍ଦ୍ଧନ ନାୟକ, ମନମୋହନ ବିହାରୀ, ଶ୍ରୀକାନ୍ତ ସାମଲ, କୃତିବାସ ସାହୁ, ମଥୁରା ବିହାରୀ, ବଟ ପରୀକ୍ଷା, ଶରତ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଧର ଦାସ, ରମେଶ ଚନ୍ଦ୍ର କର ଯୋଗଦେଇ ପ୍ରିୟ ଶିକ୍ଷକ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ନିରବ ପ୍ରାର୍ଥନା କରିଥିଲେ।

